ISSN -2583-147X(P), **Vol.- 8, Issue No. I, April 2022**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସତ ରାଜନୀତି ମିଛ ମହାତ୍ମା

ପରୀକ୍ଷିତ ଭୋଇ

ଓଡ଼ିଶାରେ ଜଣେ କଥାଶିଳ୍ପୀ, ସାମ୍ବାଦିକ ଓ ରାଜନୀତିଜ୍ଞ ଭାବରେ ଖ୍ୟାତି ଅର୍ଜନ କରନ୍ତି ସୁରେନ୍ଦ୍ର ମହାନ୍ତି । ତାଙ୍କ ଜୀବନର ଅନେକ ଅଭିଜ୍ଞତାର ଭାଷା ହେଉଛି ତାଙ୍କର ସୃଷ୍ଟିଗୁଡ଼ିକ । ଆତ୍ମଜୀବନୀ ପଥ ଓ ପୃଥିବୀ ଗୋଟିଏ ସମୟଖଣ୍ଡର ଘଟଣା ପ୍ରବାହର ସ୍ଥୁଳ ପ୍ରାମାଣିକ ଓ ଆତ୍ମିକ ବିକାଶର ଅନ୍ତରଙ୍ଗ କାହାଣୀ । ସର୍ବମୋଟରେ ତାଙ୍କର ପନ୍ଦର ଖଣ୍ଡ ଉପନ୍ୟାସ, ତେର ଖଣ୍ଡ ଗଳ୍ପ ସଂକଳନ ଓ ସ୍ତମ୍ଭ ଆକାରରେ ଧାରାବାହିକ ପ୍ରକାଶିତ 'ଶ୍ରେଷ୍ଠ ସ୍ତମ୍ଭ' ଇତ୍ୟାଦି ସୃଷ୍ଟିକୁ ଅଧ୍ୟୟନ କଲେ ଓଡ଼ିଶାର ରାଜନୈତିକ, ଐତିହାସିକ ଓ ସାହିତ୍ୟିକ ବାତାବରଣ ଜଣାପଡ଼ିଥାଏ । ତାଙ୍କର ଅନ୍ୟ ସୃଷ୍ଟି ଅପେକ୍ଷା ଉପନ୍ୟାସଗୁଡ଼ିକ ଜୀବନର ରହସ୍ୟ ଉନ୍ମୋଚନ ଓ ମୂଲ୍ୟବୋଧ, ଅତୀତର ଗୌରବମୟ ମୁହୂର୍ତ୍ତ ବହୁ ଭାବରେ ପର୍ଯ୍ୟବେକ୍ଷିତ ।

"ତମେ ମୋ ପାଇଁ ଯେଉଁ ତ୍ୟାଗ ବରଣ କରିଛ, ତାହାର ପ୍ରତିଦାନ ନାହିଁ । ତମ ଦେବତା, ତମ ବୀର, ଦେବତ୍ୱ ଓ ବୀରତ୍ୱ ବଡ଼ ବଡ଼ ଘଟଣାରେ ଫୁଟେ ନାହିଁ । ନିତିଦିନିଆ ଜୀବନର ସାମାନ୍ୟ ତୁଚ୍ଛ ଘଟଣାମାନଙ୍କରେ ତାହାର ପରିଚୟ ମିଳିଥାଏ ।" (ଅନ୍ଧଦିଗନ୍ତ-୨୭୬) ଅନ୍ଧଦିଗନ୍ତ ଉପନ୍ୟାସର ମୁଖ୍ୟ ନାୟିକା ଗୌରୀର ଏହି ବାର୍ତ୍ତାକୁ ନିଧିଦାସକୁ ଗୁରୁତ୍ୱ ଦେଇ କହିଛି । ଲେଖକଙ୍କ ଅଭିଜ୍ଞତାପୂର୍ଣ୍ଣ ଜୀବନ ଦର୍ଶନକୁ ପାଠକ ଭେଟନ୍ତି 'ଅନ୍ଧଦିଗନ୍ତ' (୧୯୬୪) ଉପନ୍ୟାସ ମାଧ୍ୟମରେ । ସୁରେନ୍ଦ୍ର ମହାନ୍ତି ଅନ୍ଧଦିଗନ୍ତକୁ କାଳ୍ପନିକତା ଆଧାରରେ ସତ୍ୟତାର ଉନ୍ମୋଚନ କରିଛନ୍ତି । କାରଣ ତା' ଭିତରେ ତାତ୍ତ୍ୱିକ ଓ ଐତିହାସିକ ବିବରଣୀ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇଉଠିଛି । ବାସ୍ତବତାର ପ୍ରତିଛବି ଅତି ମନୋଜ୍ଞ ଓ ପ୍ରାଞ୍ଜଳ୍ୟ ଭାବରେ ପରିବେଷିତ । ସେଥିପାଇଁ ସେ ଅନେକ ଅସୁବିଧାର ସମୁଖୀନ ହେବାକୁ ପଡ଼ିଛି । ସେହି କେତେକ ସମସ୍ୟାର ସମ୍ମୁଖୀନ ହୋଇଥିବା ଗୋଟିଏ ଉପନ୍ୟାସ ହେଉଛି ଅନ୍ଧଦିଗନ୍ତ । ଏଥିରେ ବାସ୍ତବ ରାଜନୀତିର ଚିତ୍ର ପ୍ରତିଫଳିତ ଏବଂ ବନ୍ୟା, ମରୁଡ଼ି, ଶିକ୍ଷା, ସ୍ୱାସ୍ଥ୍ୟ ଇତ୍ୟାଦି ଘଟଣାକୁ ନେଇ କେମିତି ରାଜନୀତି କରାଯାଇପାରେ, ତାହା ସ୍ପଷ୍ଟ । କେତେକ ଦ୍ୱନ୍ଦ୍ୱ ଓ ସମସ୍ୟା ହେତୁ ତାଙ୍କୁ ୧୯୬୫ ମସିହାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରରୁ ବଞ୍ଚିତ ହେବାକୁ ପଡ଼ିଛି । ତାଙ୍କର ନୂତନତାର ପ୍ରୟୋଗରେ କଥାସାହିତ୍ୟ ଯେମିତି 'କଲେଜ ବୟ' (୧୯୪୭), 'ସହସ୍ର ଶଯ୍ୟାର ନାୟିକା' (୧୯୫୨), 'ବଧୂ ଓ ପ୍ରିୟା' (୧୯୮୪) ଲେଖାର ମୋଡ଼କୁ ପରିବର୍ତ୍ତନ କରିଛି । ଠିକ୍ ସେମିତି ଇତିହାସ, ରାଜନୀତି ଓ ବୌଦ୍ଧଧର୍ମ ସଂପର୍କୀୟ ଲେଖାରୁ ମଧ୍ୟ ବହୁ ଚର୍ଚ୍ଚିତ ହୁଅନ୍ତି । ସେହି ଦୃଷ୍ଟିରୁ 'ଅନ୍ଧଦିଗନ୍ତ'ର ପୃଷ୍ଠଭୂମି ନିର୍ବାଚନରେ ଔପନ୍ୟାସିକଙ୍କର ସ୍ୱତନ୍ତ୍ରତା ରହିଛି ନିଶ୍ଚୟ । ଯେଉଁ ଦୀର୍ଘ ବର୍ଷର ସ୍ୱାଧୀନତା ସଂଗ୍ରାମୀ ଜୀବନ ଓ କମ୍ୟୁନିଷ୍ଟ, ଚିନ୍ତାଧାରା ପର୍ଯ୍ୟବେକ୍ଷିତ । ଏହା ପ୍ରତ୍ୟକ୍ଷ ରାଜନୀତି ଜୀବନର ଅଭିଜ୍ଞତା ଓ ସାମ୍ବାଦିକ ଜୀବନର କାରୁଣ୍ୟ ପରିପ୍ରକାଶ ଘଟିଛି ଏବଂ ଗତାନୁଗତିକତାକୁ ପରିହାର କରି ନୂତନ ବିଷୟବସ୍ତୁର ସମାଗମ ହୋଇଛି ଯଦିଓ ଏହା ପୂର୍ବରୁ ହରେକୃଷ୍ଣ ମହତାବ, ରାମପ୍ରସାଦ ସିଂହଙ୍କ ଉପନ୍ୟାସରେ ରାଜନୀତି ଚେତନା ଦେଖାଯାଏ । କିନ୍ତୁ ସେହି ଚେତନାଠାରୁ ଦୁଇପାଦ ଆଗକୁ ଯାଇ ସ୍ୱାଧୀନତା ପରବର୍ତ୍ତୀ ସମୟରେ ପ୍ରଥମେ ସେ ରାଜନୀତି ସମ୍ପର୍କରେ ଲେଖୁଛନ୍ତି ।

ଅନ୍ଧଦିଗନ୍ତ ଉପନ୍ୟାସକୁ ଡ. ମାୟାଧର ମାନସିଂହ ଜାତୀୟଗାଥା ବୋଲି କୁହନ୍ତି – "ଓଡ଼ିଆ ଭାଷାର ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ଧଦିଗନ୍ତ ଭାରତ ଜାତୀୟ ଆତ୍ମାଙ୍କୁ ସ୍ୱାଧୀନୋତ୍ତର ଯୁଗରେ ଅମାନିଶା ବ ଝଡ଼ବୃଷ୍ଟି ଜର୍ଜରିତ ଦୁର୍ଦ୍ଦିନ ପରି ଘେରି ରହିଥିବ । ଏହିପରି ନୈତିକ, ଆଧାତ୍ମିକ ଓ ସାମାଜିକ ବିଚାରରେ ବୋଧହୁଏ ପ୍ରଥମ ଓ ବଳିଷ୍ଠ ବିହଙ୍ଗାବଲୋକନ ଓ ଅନ୍ତଭାବଲୋକନ । ସାହିତ୍ୟିକ ସୃଷ୍ଟି-କଷଟି ପଥର ରୂପେ ଇଂରାଜୀରେ ଏବେ ଗୋଟିଏ ସୁନ୍ଦର ଯୁକ୍ତିଯୁକ୍ତ ବାକ୍ୟାଂଶ ବ୍ୟବହୃତ ହୋଇଥାଏ Soul exploration ବା ଆତ୍ମନିରୀକ୍ଷଣ । ଯେଉଁ କାବ୍ୟ, ନାଟକ ବା ଉପନ୍ୟାସରେ ଏହି ଆତ୍ମନିରୀକ୍ଷଣ ନାହିଁ, ଯେତେ ଲିଖନ ଚର୍ଚ୍ଚ ସ୍ଲୋଗାନ ଦେଲେ ମଧ୍ୟ କୌଣସି ଜାତିର ଆତ୍ମାରେ ରେଖାପାତ କରିପାରିବ ନାହିଁ । ରାମାୟଣ ବା ମହାଭାରତ କାହାଣୀ ନୁହନ୍ତି । ଭାରତବାସୀର ପ୍ରାଣରେ ସେସବୁ ଶାଶ୍ୱତ ଗାର କାଟି ଯାଉଛନ୍ତି । କାରଣ ସେଥିରେ ଆମେ ଆମ ନିଜର Soul exploration ହିଁ ଦେଖୁ । 'ଅନ୍ଧଦିଗନ୍ତ'ରେ ସୁରେନ୍ଦ୍ର ମହାନ୍ତି କିଛି ଏହି ପ୍ରକାର Soul exploration ର ଚେଷ୍ଟା କରିବାରୁ ତାଙ୍କର ବହି କେବଳ କାହାଣୀ ନ ହୋଇ ଜାତୀୟଗାଥାରେ ପରିଣତ ହେବାକୁ ଯାଉଛି ।" (ଅନ୍ଧଦିଗନ୍ତ, ଷଷ୍ଠ ସଂସ୍କରଣର ଭୂମିକା)

ଉପନ୍ୟାସରେ ଭାରତୀୟ ଜାତୀୟତା ଆନ୍ଦୋଳନ ସ୍ରୋତ ପ୍ରତି'ଳିତ । ଦକ୍ଷିଣ ଆଫ୍ରିକାରୁ ଗାନ୍ଧିଜୀ ଭାରତକୁ ଆସୁଛନ୍ତି ୧୯୧୫ ମସିହାରେ । ଭାରତବର୍ଷରେ ଗାନ୍ଧୀଙ୍କ ଆଗମନ ପୂର୍ବରୁ ସ୍ୱାଧୀନ ଚିନ୍ତାଧାରା ପ୍ରଚରପ୍ରସାର ହୋଇଥିଲେ ହେଁ ତାହା ୧୯୧୪-୧୯୧୮ ପ୍ରଥମ ବିଶ୍ୱଯୁଦ୍ଧଠାରୁ ହିଁ ଘନ ଘୋର ଆରମ୍ଭ ହୋଇଯାଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ଭିତରେ ଭାରତରେ ଚମ୍ପାରନ୍

ସତ୍ୟାଗ୍ରହ ୧୯୧୭ ମସିହାରେ ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ହେଉଛି ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଅନେକ କୃଷକ ଏଥିରେ ସାମିଲ ହୋଇଛନ୍ତି । ୧୯୧୮ ମସିହାରେ 'ଖେଦା' ସତ୍ୟାଗ୍ରହ ଏବଂ ଆଲ୍ଲାହାବାଦ୍ ମିଲ୍‌ର ଶ୍ରମିକ ଆନ୍ଦୋଳନ ହୋଇଥିଲା । ତା' ପରେ ପରେ ୧୯୧୮ରେ ଖିଲା'ତ୍ ଆନ୍ଦୋଳନ ଦେଶବ୍ୟାପୀ ଅଶାନ୍ତି ବାତାବରଣ ସୃଷ୍ଟି କରିଥିଲା । ଫଳରେ ସ୍ୱରାଜ ପାଇଁ ସୃଷ୍ଟି ହେଲା ଅସହଯୋଗ ଆନ୍ଦୋଳନ ୧୯୨୧ ମସିହାରେ । ଏହା ପରେ ଆଇନ ଅମାନ୍ୟ ଆନ୍ଦୋଳନ ୧୯୩୦ ଭାରତଛାଡ଼ ଆନ୍ଦୋଳନ ୧୯୪୨ରୁ ୧୯୪୫ ମସିହାରେ । ତା' ଭିତରେ ଅନେକ ବାଧାବିଘ୍ନ ସୃଷ୍ଟି ହୋଇ ଭାରତ ସ୍ୱାଧୀନତା ଲାଭ କରିଛି ୧୯୪୭ରେ ଏବଂ ଆରମ୍ଭ ହେଲା ଗୋରା ଶାସନ ପରିବର୍ତ୍ତେ କଳାମାନଙ୍କ ଶାସନ । ଏହି ଜାତୀୟ ଆନ୍ଦୋଳନରେ ଓଡ଼ିଶା କେଉଁ ଭୂମିକା ଗ୍ରହଣ କରିଥିଲେ ଏବଂ ତହିଁରେ ଓଡ଼ିଶାର ରାଜନୀତି ଗୁରୁତ୍ୱ କେତେ ତାହା ସବୁ ପ୍ରମାଣ ଦିଏ ଅନ୍ଧଦିଗନ୍ତ ଉପନ୍ୟାସ । ଏମିତି ସ୍ୱାଧୀନତା ପରବର୍ତ୍ତୀ କାଳର ସାମାଜିକ, ରାଜନୀତି ଓ ସର୍ବୋପରି ନେତାମାନଙ୍କର କାର୍ଯ୍ୟକଳାପର ବିବରଣୀ ମଧ୍ୟ ରହିଛି ।

ଜାତୀୟ ସ୍ୱାଧୀନତା ଆନ୍ଦୋଳନର ପ୍ରତ୍ୟେକ ମୁହୂର୍ତ୍ତ ଓଡ଼ିଶାର ପୁରପଲ୍ଲୀରେ ଖେଳିଯାଇଥିଲା । ମଧୁପୁର ଗାଁର ନିଧିଦାସ ଓ ବରଜା ଚମାର କ'ଣ ବୁଝି ନଥିବା ବା ଗାନ୍ଧୀଙ୍କୁ କେବେ ଦେଖି ନଥିବା ଲୋକ ସ୍ୱରାଜ ପାଇଁ ପ୍ରାଣବଳି ଦେଇଛନ୍ତି । ଭାରତର କୋଣ-ଅନୁକୋଣରେ ଏହିପରି ପ୍ରାଣବଳି ଦେଇଥିବା ଲୋକ ବହୁ ଅଛନ୍ତି କିନ୍ତୁ କୌଣସି ଭାରତ ଇତିହାସରେ ସେମାନଙ୍କର ନାମ ଉଲ୍ଲେଖ ନାହିଁ କି ସେମାନଙ୍କ ମୃତ୍ୟୁର କୌଣସି ପ୍ରକାରର ଖବର ନାହିଁ । ଅନ୍ଧଦିଗନ୍ତର ଶୁଦ୍ଧୋଦନ ପରି ଶିକ୍ଷିତମାନେ ସ୍ୱାଧୀନତା ପରେ ଦେଶର ଭୋଟ ରାଜନୀତିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଓ ଭାରତ ତଥା ରାଜ୍ୟର ମୁଖ୍ୟ ମୁଖ୍ୟ ଆଶନରେ ଆସିନ ହୋଇଛନ୍ତି । ସେମାନେ ଗାନ୍ଧୀନୀତିକୁ ବାହାରେ ପ୍ରଦର୍ଶନ କରି ଅନ୍ତରରେ ଗୋରାଙ୍କ ପରି ଶୋଷଣ, ଲୁଣ୍ଠନ ତଥା ଅନ୍ୟାୟ ଅତ୍ୟାଚାରରେ ଲିପ୍ତ ରହିଛନ୍ତି । ସେହି ଯୋଗୁଁ ଆଜିର ସମାଜ ଅତିଷ୍ଠ ହୋଇପଡ଼ିଲେଣି ।

ଉପନ୍ୟାସର ଆରମ୍ଭ ହେଉଛି ମୁଖ୍ୟ ଚରିତ୍ର ନିଧିଦାସଙ୍କ ମୃତ୍ୟୁ ଚିଠିରୁ । ୧୯୧୭ରୁ ୧୯୫୨ ମସିହାର ସ୍ୱାଧୀନତାର ସମ୍ପୂର୍ଣ୍ଣ ବିଷୟବସ୍ତୁ 'ଅନ୍ଧଦିଗନ୍ତ' । ୧୯୫୨ ପରବର୍ତ୍ତୀ ସମୟରେ ବିଭିନ୍ନ ସରକାରୀ ଯୋଜନା ସାଙ୍ଗକୁ କଂଗ୍ରେସ ବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଅବସ୍ଥା ଅତି ଶୋଚନୀୟ ହୋଇଯାଇଥିଲା । ସେମାନେ ପ୍ରାଚୀନ ଲୋକ ହୋଇଗଲେ । ଗାନ୍ଧୀବାଦୀ ଅଚଳ ହୋଇଗଲା । ଶ୍ରେଣୀହୀନ ସମାଜ ଗଠନ କରିବା ବଦଳରେ ଆହୁରି ଅଧିକତର ବିଭେଦତା ସୃଷ୍ଟି ହେଲା । ଜଣକ ପାଖରେ ସବୁ ପ୍ରକାରର ବଳ ରହିଲା । ସେହି ଲୋକ ପୁଣି କେବେବି ସ୍ୱାଧୀନତା ବିଷୟରେ ଜାଣି ନଥିଲା । ସ୍ୱପ୍ନଭଙ୍ଗ, ନିରାଶା ଓ ଅସହାୟ ଜନସାଧାରଣଙ୍କ ମଧ୍ୟରେ ଦିନକୁ ଦିନ ବୃଦ୍ଧି ହେବାରେ ଲାଗିଲା । ବ୍ୟବସ୍ଥା ନାମରେ ଅବ୍ୟବସ୍ଥା ଓ ନ୍ୟାୟ ନାମରେ ଅନ୍ୟାୟରେ ରୂପ ନେଲା । ଔପନ୍ୟାସିକ ଏସବୁ ପ୍ରତିଛବି ନିଧିଦାସଙ୍କ ଦ୍ୱାରା ଉପସ୍ଥାପନା କରିଛନ୍ତି । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ପ୍ରାରମ୍ଭରୁ ଅନ୍ଧଦିଗନ୍ତକୁ ଗୋଟିଏ କାଳ୍ପନିକ ଉପନ୍ୟାସ କହିଥିଲେ ସୁଦ୍ଧା ବାସ୍ତବତା ପ୍ରତି ରୂପ ଅତି ସ୍ୱଷ୍ଟ ଓ ପ୍ରାଞ୍ଜଲ୍ୟ ଜଣାପଡ଼େ । ସେଥିପାଇଁ ଏହାକୁ ସ୍ୱାଧୀନତା ସଂଗ୍ରାମ ଇତିହାସର କିଛି ଅଂଶ ବୋଲି ବିବେଚନା କରାଯାଏ ।

'ଡଗର' ପତ୍ରିକାରେ କିଛି ଅଂଶ 'ଭଗ୍ନଦୂତ', 'କୂର୍ମ' ଓ 'କୋଣାର୍କ' ଶିରୋନାମାରେ ଧାରାବାହିକ ଭାବରେ ପ୍ରକାଶ ପାଉଥିଲା । ସୁରେନ୍ଦ୍ର ମହାନ୍ତି ନିର୍ବାଚନରେ ବ୍ୟସ୍ତ ଯୋଗୁଁ ତାହା ବନ୍ଦ ହୋଇଯାଇଥିଲା । କିନ୍ତୁ ପାଠକୀୟ ଶ୍ରଦ୍ଧା ପାଇଁ ଔପନ୍ୟାସିକ ଅନ୍ଧଦିଗନ୍ତକୁ ସଂପୂର୍ଣ୍ଣ ରୂପ ଦେଇ ୧୯୬୪ ମସିହାରେ ପ୍ରକାଶ କଲେ । ଏହାର ନାମକରଣରୁ ସ୍ୱଷ୍ଟ ଯେ ଦିଗନ୍ତ ବିସ୍ତାରୀ ଅନ୍ଧକାର ଜାଣିବା ପରେ ବି ସଂଗ୍ରାମ ଅବିରତ ଋଲିଛି ଓ ଋଲିଥିବ । ମୁଖ୍ୟ ଚରିତ୍ର ନିଧିଦାସ ପରାଧୀନ ଭାରତ ସମୟରେ ଜେଲ୍ ଯାଇଛି ନିଜର ଅଧୀକାର ପାଇଁ ଏବଂ ଜେଲ୍‌ରେ ଯେତେବେଳେ ମୁକ୍ତ ହେଉଛନ୍ତି ସ୍ୱାଧୀନତା ଭାରତକୁ ଦେଖୁଛନ୍ତି । ଏହି ଦେଖିବାର ଆକସ୍ମିକତା ଅନ୍ଧଦିଗନ୍ତ ଉପନ୍ୟାସର ଆକର୍ଷଣ ବିଷୟ ।  କିଛି ଦିନ ପରେ ସେହି କର୍ମୀମାନେ ଦଙ୍ଗା ନାମରେ ପୁଣି ଜେଲକୁ ଯିବା ଲୋକଙ୍କୁ ଅତିଷ୍ଠ କରିଛନ୍ତି । ନିଧିଦାସ ସ୍ୱାଧୀନତା ପରେ ଜେଲରୁ ଗାଁକୁ ଫେରିବା ବାଟରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ ଘରେ ରହି ଲୋକଙ୍କୁ କୁହନ୍ତି – "ଜୀବନ ମୁକ୍ତି ପାଇଛି କିନ୍ତୁ ଲୋକ ମୁକ୍ତି ପାଇବା ପାଇଁ ଆହୁରି ଅନେକ ବାକି ଅଛି ।" ସ୍ୱାଧୀନତା ପରବର୍ତ୍ତୀ ଜୀବନ ଦିଗନ୍ତ ବିସ୍ତାରୀ ଅନ୍ଧାର । ଏହି ରାଜନୀତି ଅନ୍ଧାରର ଘନଘଟା ଆଡ଼କୁ ଟାଣି ନେଇଛି । ତେଣୁ ଔପନ୍ୟାସିକ ଏହାକୁ ଅନ୍ଧଦିଗନ୍ତ ନାମକରଣ କରିବା ଯଥାର୍ଥ ।

ମନୁଷ୍ୟ ଜୀବନର ସଂଗ୍ରାମ କାଳେ କାଳେ ନିରବଚ୍ଛିନ୍ନ । ସଂଗ୍ରାମ ସବୁ ମୁହୂର୍ତ୍ତରେ ନୂତନ ଆଶା ହୋଇ ସର୍ବସମ୍ମୁଖରେ ନେପଥ୍ୟ ଦଣ୍ଡାମାନ ହୁଏ । ଏହି ପରିପ୍ରେକ୍ଷୀରେ ଗାନ୍ଧିନୀତି ଏକ ସମୟ ଖଣ୍ଡ ପାଇଁ ପ୍ରଯୁଜ୍ୟ ହୋଇଛି । ସ୍ୱାଧୀନତା ପରବର୍ତ୍ତୀରେ ତାହା ସେତିକି କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ । ଏଠାରେ ହରେକୃଷ୍ଣ ମହତାବଙ୍କ 'ତୃତୀୟ ପର୍ବ ଓ ୧୯୭୫' ଉପନ୍ୟାସ କଥା ମନେପଡ଼େ । ଏହି ତିନୋଟି ଉପନ୍ୟାସର କଥାବସ୍ତୁ ସମାନ ନହେଲେ ବି ଭାବବସ୍ତୁ ଓ ଉପନ୍ୟାସ ପରିପ୍ରକାଶର ଲକ୍ଷ ଗୋଟିଏ । ରାମଚନ୍ଦ୍ର ଗୁହାଙ୍କ 'India after Gandhi' (୨୦୦୭), ନୟନତାରା ସହଗଲ୍‌ଙ୍କ 'The day in shadow' (୧୯୭୧) ହିନ୍ଦୀର କମଲେଶ୍ୱରଙ୍କ 'ସମୁଦ୍ର ମେ ଖୋୟା ହୁଆ ଆଦ୍‌ମୀ' ଓ 'କାଳି ଅନ୍ଧି' (୧୯୭୪), ରାମଦରଶ୍ ମିଶ୍ରାଙ୍କ 'ଜାଲ୍ ଟୋଟା ହୁଆ' (୧୯୬୨), ହିମାଂଶୁ ଶ୍ରୀବାସ୍ତବଙ୍କ 'ନଦୀ ଫିର ବାହୁ ଗଲି' (୧୯୭୬) ଇତ୍ୟାଦି ଉପନ୍ୟାସ ସହିତ ସୁରେନ୍ଦ୍ର ମହାନ୍ତିଙ୍କ 'ଅନ୍ଧଦିଗନ୍ତ' ବହୁ ସାମଞ୍ଜସ୍ୟ ରହିଛି । କେବଳ ସମୟ ଅନୁସାରେ ଉପସ୍ଥାପନ ଶୈଳୀ ବଦଳିଛି । ରାଜନୀତି, ଅର୍ଥବ୍ୟବସ୍ଥା, ପ୍ରଶାସନିକ ବ୍ୟବସ୍ଥା, ଶିକ୍ଷା ଓ ସ୍ୱାସ୍ଥ୍ୟ

ଇତ୍ୟାଦି କ୍ଷେତ୍ରରେ ଦେଖା ଦେଇଥିବା ଅବକ୍ଷୟମାଣର ମୁଖ୍ୟ କାରଣ ଭାବେ ଗାନ୍ଧୀ ଆଦର୍ଶର ମୃତ୍ୟୁକୁ ହିଁ ଦାୟି କରିଛନ୍ତି । ଭାରତର ସ୍ୱାଧୀନ ସଂଗ୍ରାମୀ ଚିନ୍ତାଧାରା ପୁରାଣ ବୋଲି ନୂତନ ପିଢ଼ିର ନେତାମାନଙ୍କର ଅଣଦେଖା ହିଁ ଜାତୀୟ ଅବ୍ୟବସ୍ଥାର ମୁଖ୍ୟ ବିଷୟ । ସମସ୍ତ ସଂଗ୍ରାମୀକୁ କମ୍ୟୁନିଷ୍ଟ ବା ବାମପନ୍ଥୀ ବୋଲି ହାଜତରେ ରଖିବାର ପ୍ରତିଟି ଚିତ୍ର ଉପସ୍ଥାପନା କରିବାରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଭିନ୍ନ ନିଶ୍ଚିତ । ନିଧିଦାସଙ୍କ ପରି ଅନେକ ଲୋକ ଖଦୀ ଓ ଚରଖା ଧରି ସଚେତନତା ସୃଷ୍ଟି କରୁଥିବା ବ୍ୟକ୍ତି ଠିକ୍ ସ୍ୱାଧୀନତା ପରେ ଦର୍ପ ନାରାୟଣ ଓ ଶୁଦ୍ଧୋଦନର ମନ୍ତ୍ରୀମଣ୍ଡଳରେ ଯୋଗ ଦେଇଛନ୍ତି । ଭାରତର ସ୍ୱାଧୀନତା ନିମିତ୍ତ ଗାନ୍ଧୀନୀତି ଭୋଟ ରାଜନୀତି ପାଇଁ ଅକ୍ଷମ ହୋଇପଡ଼ି କ୍ଷମତା ପାଇଁ ଆଦର୍ଶର ମୁଖା ତଳେ ଆତ୍ମଗର୍ବ, ନିଷ୍ଠୁରତା ଲୁଚି ରହିଲା । ଲେଖକଙ୍କ ଅଭିଜ୍ଞତା ଓ ଅନୁଭୂତି ହିପୋକ୍ରାସି ଉପନ୍ୟାସ 'ଅନ୍ଧଦିଗନ୍ତ' ସୃଷ୍ଟି କରିବାରେ ପ୍ରଥମ ଓଡ଼ିଆ ଔପନ୍ୟାସିକ । ହିପୋକ୍ରାଟମାନଙ୍କର ଅନ୍ତରୂପ ବାହାରକୁ ଆଣିବାପାଇଁ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି 'ଅନ୍ଧଦିଗନ୍ତ' ଉପନ୍ୟାସର ସାହାଯ୍ୟ ନେଇଛନ୍ତି ।

ସ୍ୱାଧୀନତା ପୂର୍ବର ଆଶା, ଆକାଂକ୍ଷା କାଳକ୍ରମେ ଧୂଳିସାତ୍ ହୋଇଯିବା ସହ ସମସ୍ତ କ୍ରିୟାକଳାପ ବିଫଳତା ସ୍ୱୀକାର କରିବାକୁ ପଡ଼ିଛି ଏବଂ ଗଢ଼ିଉଠିଛି କ୍ଷମତା ଲିପ୍ସା, ସ୍ୱାର୍ଥପରତା, ଶୋଷଣ, ଅନ୍ୟାୟ ଇତ୍ୟାଦି । ନିରକ୍ଷର ଗରିବ ସାଧାରଣ ବର୍ଗ ପ୍ରତାରିତ ଓ ନିର୍ଯ୍ୟାତିତ ହୋଇଛନ୍ତି । ରାମଚନ୍ଦ୍ର ଆଚାର୍ଯ୍ୟଙ୍କ 'ବୀର ଓଡ଼ିଆ', ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'କଣାମାମୁଁ', କାଳିନ୍ଦୀଚରଣ ପାଣିଗ୍ରାହୀଙ୍କ 'ଲୁହାର ମଣିଷ' ଓ ହରେକୃଷ୍ଣ ମହତାବଙ୍କ 'ଟାଉଟର' ଇତ୍ୟାଦି ଉପନ୍ୟାସଗୁଡ଼ିକ ସୁରେନ୍ଦ୍ର ମହାନ୍ତିଙ୍କ ଅନ୍ଧଦିଗନ୍ତ ଲେଖିବାରେ ପ୍ରେରଣା ଦେଇଥିବ ନିଶ୍ଚୟ । ସମସ୍ତ ପ୍ରକାରର କ୍ରିୟାକଳାପ ବ୍ୟକ୍ତି ପ୍ରଚ୍ଚର ବା Propagandaରେ ପରିଣତ ହୋଇଯାଇଛି । ସେଥିପାଇଁ ନିଧୀଦାସ ବିରୂପା କୂଳରେ ଗଢ଼ିଉଠିଥିବା ଗାନ୍ଧୀ ଆଶ୍ରମକୁ ଛାଡ଼ିଦେଇ ଲଳିତା ଦାସଙ୍କ ସଖୀ ଭେକୀ ମଠକୁ ଚାଲିଗଲେ । ଶୁଦ୍ଧୋଦନଙ୍କ ଦ୍ୱାରା ହୋଇଥିବା ଅପରାଧ ନିଧିଦାସ ଜାଣିପାରିଛନ୍ତି । କୌଶଲ୍ୟାର ଆତ୍ମହତ୍ୟା ଓ ଗୌରୀର ନିର୍ଯ୍ୟାତନା ପାଇଁ ଶୁଦ୍ଧୋଦନ ହିଁ ଦାୟୀ ଏବଂ ଶୁଦ୍ଧୋଦନର କିଛି ସହକର୍ମୀ ଯେଉଁମାନେ ମିଛ ଦେଶ ସେବା ନାମରେ ଗାନ୍ଧୀ ଆଶ୍ରମରେ ରହି ଭାରତ ତଥା ଓଡ଼ିଶାର ରାଜନୀତିର ଶାସନ ମୁଖ୍ୟ ହୋଇଛନ୍ତି । ନିଧିଦାସ ଜାଣିଶୁଣି ଗୌରୀକୁ ନିଜର ସ୍ତ୍ରୀ ଓ ତା'ର ପୁତ୍ରକୁ ନିଜର ପୁତ୍ର ବୋଲି ଅନ୍ୟମାନଙ୍କ ଆଗରେ ପରିଚୟ କରାଇଛନ୍ତି । ଏଠାରେ କଳଙ୍କିତ ଅଧ୍ୟାୟ ଆରମ୍ଭ ହୁଏ । ଗାନ୍ଧୀବାଦ ପ୍ରତି ଲୋକଙ୍କ ଆସ୍ଥା, ଭରସା ତୁଟିଯାଏ ଏବଂ ଅନ୍ୟମାନେ ତା'ର ଲାଭ ଉଠାନ୍ତି । ଔପନ୍ୟାସିକ ନିଧିଦାସ, ଶୁଦ୍ଧୋଦନ, ଶ୍ୟାମବନ୍ଧୁ, ବରଜୁ ଚମାର, ହରିହର, ଦଣ୍ଡସେନା, ଆକ୍ରମ ମିଆଁ ଓ ନାରାୟଣ ମାଝି ବ୍ୟକ୍ତିଙ୍କୁ ଭେଟିଛନ୍ତି ଓ ବିଶ୍ଳେଷଣ କରିଛନ୍ତି ଏହି ଉପନ୍ୟାସ ମାଧ୍ୟମରେ । ସ୍ୱାଧୀନତା ପାଇଁ ବ୍ୟକ୍ତିସ୍ୱାର୍ଥକୁ ପରିତ୍ୟାଗ କରି ସାମୁହିକ ସ୍ୱାର୍ଥ ଗୁରୁତ୍ୱ ଥିଲା, ଯାହା ଆମେ ଦେଖୁଛୁ ନିଧିଦାସ, ଶ୍ୟାମବନ୍ଧୁ ଓ ବରଜୁ ଚମାରଙ୍କ ମଧ୍ୟରେ । ସେମାନେ ଗାନ୍ଧିନୀତିର ଅନୁପ୍ରାଣିତ ହୋଇ ଅହିଂସା ଓ ଆଦର୍ଶବାଦକୁ ଗୁରୁତ୍ୱ ଦେଇଛନ୍ତି ।

ବିଶ୍ୱ ସାହିତ୍ୟରେ ଗାନ୍ଧୀବାଦର ପ୍ରଭାବବିସ୍ତାର ହୋଇଚାଲିଛି ସରଳ, ତ୍ୟାଗପୁତ, ନିଃସ୍ୱାର୍ଥପରତା ଓ ଅହିଂସା ହୋଇଛି ତାହାର ଭିତ୍ତି । ୧୯୪୭ ମସିହାରେ ଆମେରୀକିୟ ଲେଖକ Aidous Huxleyଙ୍କ 'Ape and Assence' ଏବଂ ୧୯୩୪ ମସିହାରେ ପ୍ରକାଶିତ Thornton Wilderଙ୍କ 'Heaven's my destination'ରେ ଗାନ୍ଧୀଙ୍କ ଅହିଂସା, ଶିଳ୍ପ ଅର୍ଥନୀତି ଓ ଆଦର୍ଶବୋଧ ଅନୁଭୂତ ହୁଏ । 'Heaven's my destination'ର ମୁଖ୍ୟ ଚରିତ୍ର Geenge Marvins Brash ଅନ୍ଧଦିଗନ୍ତର ନିଧିଦାସ ଓ ଅନ୍ୟ ଚରିତ୍ର Herb ଓ ଶୁଦ୍ଧୋଦନ ଗୋଟିଏ ପୃଷ୍ଠଭୂମିରେ ଚିତ୍ରିତ ହୋଇଛନ୍ତି । ୧୯୧୫ରେ ନୋବେଲ ପୁରସ୍କୃତ Romain Rolland ଗାନ୍ଧୀଙ୍କ ନୀତିରେ ଅନୁପ୍ରାଣିତ ହୋଇ 'Mahatma Gandhi' ବୋଲି ଏକ ପୁସ୍ତକ ଲେଖିଥିଲେ । ଭାରତ ବାହାରେ ଯେତିକି ଗାନ୍ଧୀଚେତନା ପ୍ରଭାବ ଥିଲା, ତାହା ନିଜ ଦେଶରେ ପ୍ରଭାବ ପକାଇବା ସ୍ୱାଭାବିକ । Mulk Raj Anandଙ୍କଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ବାସ୍ତବବାଦୀ ଚିନ୍ତାଧାରାରେ ପର୍ଯ୍ୟବେକ୍ଷିତ ହୋଇଛି ଭାରତୀୟ ସାହିତ୍ୟ । ଏହି ଦୃଷ୍ଟିରୁ ଅନ୍ଧଦିଗନ୍ତର ଚରିତ୍ର ଓ ବିଷୟବସ୍ତୁ ଭାରତୀୟ ସାହିତ୍ୟ ଧାରାରେ ନିଜକୁ ସାମିଲ କରିଛି । ସମଗ୍ର ଦେଶରେ ସୃଷ୍ଟି ହୋଇଥିବା ସାହିତ୍ୟ ନିଜ ନିଜ ଅଞ୍ଚଳର ବାସ୍ତବ ଚିତ୍ରର ପ୍ରତିଛବି । ଓଡ଼ିଶାର ରାଜନୈତିକ ବାତାବରଣ, ସହରୀ ଓ ଗ୍ରାମୀଣ ହାବଭାବ ୧୯୧୭ ଠାରୁ ୧୯୫୨ ମସିହା ପର୍ଯ୍ୟନ୍ତ ବିଭିନ୍ନ ଘାତପ୍ରତିଘାତରେ ପଡ଼ିଛି ଏବଂ ସ୍ୱାଧୀନତା ଲାଭ କରିଛି । ସ୍ୱାଧୀନତାର ଫଳସ୍ୱରୂପ ଭାରତର ସ୍ୱାଧୀନତା ସଂଗ୍ରାମୀମାନଙ୍କ ପାଇଁ ଅସହିଷ୍ଣୁ ହୋଇପଡ଼ିଛି । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଶ୍ୟାମବନ୍ଧୁ ଓ ନିଧିଦାସଙ୍କୁ ଉପନ୍ୟାସର ପରିସମାପ୍ତିରେ ମୃତ୍ୟୁବରଣ କରାଇଛନ୍ତି । ଅର୍ଥାତ୍ ଏଠାରେ ଗାନ୍ଧୀ ଆଦର୍ଶ ଓ ଚିନ୍ତାର ଅବସାନ ଘଟୁଛି ଏବଂ ଶିକ୍ଷିତ ଶୁଦ୍ଧୋଦନ ଓ ପୁଞ୍ଜିପତି ଦର୍ପନାରାୟଣଙ୍କ ଭଳି ଶୋଷଣଲିପ୍ତ ଲୋକଙ୍କ ପାଖରେ ଦେଶର ଭାଗ୍ୟ ରହିଛି । ଏକଲବ୍ୟ ପରି ଆଜୀବନ ନିଧିଦାସ ଗାନ୍ଧିଜୀଙ୍କ ପଟ୍ଟଶିଷ୍ୟ ହୋଇପଡ଼ିରହିଛି ।

ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ନିଧିଦାସଙ୍କ ମୃତ୍ୟୁ ଖବର ଶୁଣି ତତ୍ପର ହୋଇ ଖବରକାଗଜ ଓ ଅନ୍ୟ ଆଲୋଚନା ଶୁଣିବା ପାଇଁ ବହୁ ଆଡ଼େ ଧନ୍ଦି ହୁଅନ୍ତି – "ନିଧିଦାସ ମରିବାର ଆଜି ସପ୍ତମ ଦିନ । ଖବର କାଗଜ ଖୋଲି, ମଫସଲ ସମ୍ବାଦ ଉପରେ ଆଖି ବୁଲାଇ ଗଲି ଯେଉଁ ରାଜନୈତିକ କର୍ମୀଙ୍କର ଶାଶୁ ନଣନ୍ଦ ଅଥବା ଶଳାର ଶ୍ୱଶୁର ବାଧିକା ପଡ଼ିଲେ, ସେ ସମ୍ବାଦ ଖବରକାଗଜରେ ବାହାରିଥାଏ । ତେଣୁ ନିଧିଦାସଙ୍କ ପରି ଆଜୀବନ, ନିରଳସ କଂଗ୍ରେସ କର୍ମୀଙ୍କ ମୃତ୍ୟୁ ସମ୍ବାଦଟା ନିଶ୍ଚୟ ବାହାରିଥିବ । ଛଅଦିନ ତଳର ପୁରୁଣା ଖବରକାଗଜ ସବୁ ମଧ ଖୋଜି ବାହାର କଲି । ସେଥିରେ ମଫସଲ

ଅଞ୍ଚଳର ବହୁ ଖବର ବାହାରିଥିଲା, କେତେଟା ମୃତ୍ୟୁ ସମ୍ବାଦ ମଧ୍ୟ ଆଖିରେ ପଡ଼ିଲା । କିନ୍ତୁ ଅନମଧେୟତାର ଅତଳ ସମୁଦ୍ର ମଧ୍ୟରେ ନିଧିଦାସଙ୍କ ମୃତ୍ୟୁ ସମ୍ବାଦଟା ଗୋଟିଏ ବୁଦ୍‌ବୁଦ୍ ପରି କେଉଁ ଆଡ଼େ ନିଶ୍ଚିହ୍ନ ହୋଇଯାଇଥିଲା ।"(ଅନ୍ଧଦିଗନ୍ତ, ପୃ.୩)

ଅନ୍ଧଦିଗନ୍ତ ଉପନ୍ୟାସରେ ବର୍ଣ୍ଣିତ ବନ୍ୟା ସମସ୍ୟା, ଚରିତ୍ରମାନଙ୍କର ରାଜନୀତିର ପ୍ରବଞ୍ଚନା ଲେଖକଙ୍କ ବାସ୍ତବ ଜୀବନରେ ଜଡ଼ିତ । ସେଥିପାଇଁ ସେ ଭାରତୀୟ ପ୍ରେକ୍ଷାପଟ୍ଟରେ ଓଡ଼ିଶାର ପାଣିପବନକୁ ଆଣିବା ପାଇଁ ଚେଷ୍ଟା କରିଛନ୍ତି । ବର୍ତ୍ତମାନ ବହୁ ବର୍ଷ ଅତିକ୍ରାନ୍ତ ହୋଇସାରିଛି ସ୍ୱାଧୀନତା ପ୍ରାପ୍ତିର । ଇତି ମଧ୍ୟରେ ବହୁ ପରିବର୍ତ୍ତନ ସଂଘଟିତ ହୋଇସାରିଛି । ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ବହୁ ଉନ୍ନତି ହୋଇଛି । କିନ୍ତୁ ଅଶିକ୍ଷିତ ବରଜୁ ଚମାର ଓ ନିଧିଦାସର ଆଦର୍ଶ ପୋତି ହୋଇଯାଇଛି । ଯେଉଁଥିପାଇଁ ଭାରତ ସ୍ୱାଧୀନତାର ବହୁବର୍ଷ ପରେ ବି Under developed ବା developing country ହିସାବରେ ରହିଛି ଏଯାବତ୍ । ଆମେ developed country ହୋଇପାରିନାହୁଁ ଏହା ଗୋଟିଏ ବିଡ଼ମ୍ବନାର ବିଷୟ । ଉପନ୍ୟାସଟି କାଳ୍ପନିକ ହୋଇଥିଲେ ହେଁ ଜାତୀୟ ଜୀବନରେ ବିଷୟବସ୍ତୁ ଓ ଚରିତ୍ରଗୁଡ଼ିକ ବାସ୍ତବ ଓ ଜୀବନ୍ତ ।

ସୁରେନ୍ଦ୍ର ମହାନ୍ତି ନିଜ ଶିକ୍ଷାର ପରିସମାପ୍ତି ପରେ ବଲାଙ୍ଗିର ରାଜା ରାଜେନ୍ଦ୍ର ନାରାୟଣଙ୍କ ଅଧୀନରେ ରହି 'ଚତୁରଙ୍ଗ' ପତ୍ରିକାର ସଂପାଦକ ଓ ରାଜାଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିଲେ । ପରେ ପରେ ସେ ରାଜନୀତିରେ ଯୋଗଦେଇ ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ସହିତ ରାଜନୀତିରେ ସକ୍ରିୟ ରହିବା ପାଇଁ ତାଙ୍କୁ ନିଜର ସମ୍ବାଦିକତା ବହୁ ଗୁଣରେ ସାହାଯ୍ୟ କରିଥିଲା । ସେଥିପାଇଁ ସେ ସମାଜ ଓ ରାଜନୀତି ମହଲରୁ ଶୁଦ୍ଧୋଦନ, ଶ୍ୟାମବନ୍ଧୁ, ନିଧିଦାସ, ବରଜା ଚମାର, ବାବାଜୀ ଅବଧୂତାନନ୍ଦ, ଗୌରୀ ଓ କୌଶଲ୍ୟା ପରି ଚରିତ୍ର ଖୋଜି ବାହାର କରି ସଫଳ ରୂପାୟନ କରିପାରିଛନ୍ତି । 'ଅନ୍ଧଦିଗନ୍ତ' ଉପନ୍ୟାସ ମ୍ମମରେ ଗଣଚେତନାର ଏକ ଉଷ୍ମ ଜାତୀୟ ଚେତନାର ନୂତନତା ପ୍ରତି ଦୃଷ୍ଟି ଆକର୍ଷଣ କରାଯାଇଛି । ଗୋଟେ ପଟେ ଶୁଦ୍ଧୋଦନ ଓ ତା'ର ଅନ୍ୟ ସାଥିମାନେ ସମସ୍ତେ ଶିକ୍ଷିତ, ଅନ୍ୟ ପଟରେ ନିଧିଦାସ, ଶ୍ୟାମବନ୍ଧୁ ଓ ବରଜା ଚମାର ଏମାନଙ୍କ ପାଖରେ ଶିକ୍ଷା ନାହିଁ କେବଳ ଆଦର୍ଶକୁ ହିଁ ଜାଣନ୍ତି । ଗୌରୀ ଓ କୌଶଲ୍ୟାର ମାନମହତ ଯିବା ପଛରେ ଭଦ୍ରମୁଖା ପିନ୍ଧିଥିବା ଶୁଦ୍ଧୋଦନର ହାତ ଅଛି । ନିଧିଦାସ ଗୌରୀକୁ ସମସ୍ତ ସମ୍ମୁଖରେ 'ଗୌରୀ ମୋର ସ୍ତ୍ରୀ' କହିବା ଓ ନିଜକୁ ପିତୃତ୍ୱ ପ୍ରଦାନ କରିବା ଗୋଟିଏ ଦେବତ୍ୱ ଭାବ ପରିପ୍ରକାଶ ଘଟୁଛି । ସ୍ୱାଧୀନତା ପ୍ରାପ୍ତି ପରେ ଦେଶର ରାଜନୀତି ଦୁଇ ଧାରରେ ପରିବର୍ତ୍ତନ ହେଲା । ଗୋଟିଏ ଶୁଦ୍ଧୋଦନର କଂଗ୍ରେସ ଦଳ ଓ ଅନ୍ୟଟି ନିଧିଦାସ ଚରିତ୍ର ଭଳି ଚରିତ୍ରମାନଙ୍କର କଂଗ୍ରେସ ଦଳ । ଏହି ଦଳ ବିଭାଜନ କେବଳ ଓଡ଼ିଶାରେ ନୁହେଁ ସାରା ଭାରତବର୍ଷରେ ବିଭାଜିତ ହୋଇଯାଇଥିଲା । ରାଜନୀତିରେ ଶୁଦ୍ଧୋଦନ ଭଳି ରାଜନେତା ମନ୍ତ୍ରୀମଣ୍ଡଳ ଗଠନ କରି ବିଭିନ୍ନ ପଦ ପଦବୀରେ ରହିଲେ । ନିଧିଦାସି ଭଳି ସଚ୍ଚୋଟ ରାଜନେତାମାନେ ବିଫଳ ହେଲେ । ଫଳରେ ସ୍ୱାଧୀନତା ପୂର୍ବ ଓ ସ୍ୱାଧୀନତା ପରବର୍ତ୍ତୀ ଭାରତୀୟ ରାଜନୀତି ଭିତରେ ବଡ଼ ପ୍ରଭେଦ ପରିଲକ୍ଷିତ ହେଲା । ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତି ଭାରତୀୟ ରାଜନୀତି ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲେ । ଏତତ୍‌ବ୍ୟତୀତ ସାମ୍ବାଦିକତା ଓ ଜଣେ ଲେଖକ ଭାବରେ ଭିନ୍ନ ଦୃଷ୍ଟି ଦେଖିପାରିଛନ୍ତି । ତେଣୁ ସେ ଭାରତୀୟ ଦଳୀୟ ରାଜନୀତିର ପ୍ରତାରଣା, କପଟତା, ଲୁଣ୍ଠନ ଓ ଶୋଷଣର ପ୍ରତିଟି ଖବର ଦୃଷ୍ଟିରେ ରଖୁଥିଲେ । ନିଧିଦାସଙ୍କ ପରେ ଅବଧୂତାନନ୍ଦ କୁହନ୍ତି – "ଦେଶ ସ୍ୱାଧୀନ ହୁଏ ନାହିଁ, ମଣିଷ ହୁଏ ସ୍ୱାଧୀନ । କିନ୍ତୁ ମାଟିର ସ୍ୱାଧୀନତା ମଣିଷର ସ୍ୱାଧୀନତା ନୁହେଁ । ତାହା ଦାସତ୍ୱର ଏକ ରୂପାନ୍ତର, ଏକ ଘଟାନ୍ତର ମାତ୍ର । ମଣିଷ ଏପରି ଏକ ବିଚିତ୍ର ଜୀବ ତା'ର ଲୋଡ଼ା ବନ୍ଧନର ଶୃଙ୍ଖଳ । ବନ୍ଧନର ଶୃଙ୍ଖଳ ନ ରହିଲେ ଅନାହତ ମୁକ୍ତି ମଧ୍ୟରେ ମନୁଷ୍ୟର ଅପମୃତ୍ୟୁ ଘଟିବ । ସେ ଶୃଙ୍ଖଳ ଲୁହାର ହେଉ ବା ସୁନାର ହେଉ; କିନ୍ତୁ ଶୃଙ୍ଖଳର ବଦଳ ସ୍ୱାଧୀନତା ନୁହେଁ ବା ସ୍ୱରାଜ ନୁହେଁ ।" (ଅନ୍ଧଦିଗନ୍ତ, ପୃ.୫୬)

ସୁରେନ୍ଦ୍ର ମହାନ୍ତି ତତ୍‌କାଳୀନ ସ୍ୱାଧୀନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ । ତାଙ୍କ ବ୍ୟତୀତ ରାଜେନ୍ଦ୍ର ନାରାୟଣ ସିଂଦେଓ, ବିରେନ୍ ମିତ୍ରଙ୍କ ସହିତ ମିଶି କାମ କରିବାର ସୁଯୋଗ ପାଇଛନ୍ତି । ନବକୃଷ୍ଣ ଚୌଧୁରୀ ଓ ହରେକୃଷ୍ଣ ମହତାବଙ୍କୁ ମୁଖ୍ୟମନ୍ତ୍ରୀରୁ ହଟାଇ ସେହି ଆସନରେ ଆସିନ ହେବାପାଇଁ ଓଡ଼ିଶାରେ ବହୁ ଦ୍ୱନ୍ଦ୍ୱ ଓ ସଂଘର୍ଷର ସୂତ୍ରପାତ ହୋଇଥିଲା । 'ଅନ୍ଧଦିଗନ୍ତ' ଉପନ୍ୟାସ ଏହି ରାଜନୀତିର ଏକ ଝଲକପରି ମନେହୁଏ । ନିଧିଦାସ, ଶୁଦ୍ଧୋଦନ, ଶ୍ୟାମ, ବରଜା, ଅବଧୂତାନନ୍ଦ, ଦର୍ପନାରାୟଣ, ଅର୍ଜ୍ଜୁନ, ବୈରିଶଲ୍ୟ ଆଦି ତତ୍‌କାଳୀନ ସମୟର ଜଣେ ଜଣେ ଜଣାଶୁଣା ଚରିତ୍ର । ଓପନ୍ୟାସିକ ଜଣେ ସାମ୍ବାଦିକ ଚରିତ୍ର ଭାବରେ ଉପନ୍ୟାସର ଆରମ୍ଭରୁ ଜଣାପଡ଼ନ୍ତି । ଉପନ୍ୟାସର ପ୍ରଥମରୁ ସୁରେନ୍ଦ୍ର ମହାନ୍ତି କହି ରଖିଛନ୍ତି ଯେ, ଏହା ସଂପୂର୍ଣ୍ଣ କାଳ୍ପନିକ ଉପନ୍ୟାସ ବୋଲି । କିନ୍ତୁ ରାଜନୀତି ଓ ବନ୍ୟାର ପ୍ରତିଛବିରୁ ଯାହା ସୂଚନା ମିଳୁଛି, ଏହା ସଂପୂର୍ଣ୍ଣ କାଳ୍ପନିକ ନୁହେଁ । ଏଥିରେ ସତ୍ୟତା ଭିତରେ କଳ୍ପନା ନ ରଖି ଔପନ୍ୟାସିକ କଳ୍ପନା ଭିତରେ ସତ୍ୟତାକୁ ରଖିଛନ୍ତି । ଓଡ଼ିଶାର ଏ ପ୍ରକାରର ରାଜନୀତି ବ୍ୟତୀତ ଭାରତରେ ପ୍ରଧାନମନ୍ତ୍ରୀ ପଦପାଇଁ ମହମ୍ମଦ ଅଲ୍ଲୀଜିନା ଓ ଜବାହାରଲାଲ ନେହେରୁଙ୍କ ଦ୍ୱନ୍ଦ୍ୱାତ୍ମକରୁ ଭାରତ ଓ ପାକିସ୍ଥାନର ବିଭାଜନ ଏବଂ ଅନେକ ରାଜନୈତିକ କାରଣରୁ ଓଡ଼ିଶାର ଅନ୍ୟ ପ୍ରାନ୍ତୀୟ ରାଜ୍ୟମାନଙ୍କରେ ବି କଂଗ୍ରେସ ଦଳର ରୂପ ପରିବର୍ତ୍ତନ ହୋଇଥିଲା । ଏହିରୂପ ପରିବର୍ତ୍ତନ ସଂକୀର୍ଣ୍ଣବୋଧ ଆଡ଼କୁ ଗତି କରିଛି । ଦଳକନ୍ଦଳ, କନ୍ଦଳ ରାଜନୀତି ଭାରତରେ ଭାରତୀୟଙ୍କୁ ମାନସିକ ଅଶାନ୍ତି ଦେଇଛି । କିଛି ରାଜନୀତି କାରଣରୁ ପୁଞ୍ଜିବାଦୀମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ଦେବାକୁ ପଡ଼ିଛି । ଏଥିପାଇଁ କମ୍ୟୁନିଷ୍ଟ ଓ ନକ୍ସଲପନ୍ଥୀ ମନୋଭାବ ସୃଷ୍ଟି ହୋଇଛି । ଦେଶ, ରାଜନୀତି ଓ ଜନତା ସମସ୍ତେ ଭିନ୍ନଭିନ୍ନ

ହୋଇଯାଇଛନ୍ତି । ଫଳରେ ସୃଷ୍ଟି ହୋଇଛି ସାଂପ୍ରତିକ ଦଙ୍ଗା । ଅନ୍ଧଦିଗନ୍ତ ଉପନ୍ୟାସରେ ରହିଥିବା ବିଷୟବସ୍ତୁ ଓ ଚରିତ୍ର ଭାରତର ପ୍ରତ୍ୟେକ ରାଜ୍ୟର ହୋଇପାରନ୍ତି । ଉପନ୍ୟାସରେ ଗାନ୍ଧିନୀତିକୁ ଆପଣେଇଥିବା ନେତା ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉପେକ୍ଷିତ ହୋଇଥିବା କଥା ହିଁ ଉପନ୍ୟାସକୁ ଗତିଶୀଳ କରାଇଛି ।

Thornton Nive Willderଙ୍କ 'Heavens my Destination', R.K. Narayanଙ୍କ 'Waiting for Mahatama' ଭବନ ଭଟ୍ଟାଚାର୍ଯ୍ୟଙ୍କ 'Shadow from Ladakh' Mulk Raj Anandଙ୍କ 'Untouchable' ଇତ୍ୟାଦି ବ୍ୟତୀତ ପ୍ରେମଚନ୍ଦ, ତାରଶଙ୍କର ବନ୍ଦୋପାଧ୍ୟାୟ, ମନୋଜ ବସୁ ଆଦିଙ୍କ ଉପନ୍ୟାସ ଗାନ୍ଧୀ ଚିନ୍ତାଧାରା ଓ ପରେ ତା'ର ଅବକ୍ଷୟତାକୁ ନେଇ ଲେଖାଯାଇଛି । ଏହି ଆଧାରରେ କାଳିନ୍ଦୀଚରଣ ପାଣିଗ୍ରାହୀ, ହରେକୃଷ୍ଣ ମହତାବ, ରାମପ୍ରସାଦ ସିଂ, ନିତ୍ୟାନନ୍ଦ ମହାପାତ୍ର, ଗୋଦାବରୀଶ ମିଶ୍ର ଆଦିଙ୍କ ଲେଖା ସାମିଲ ହୋଇଛି । ଅହିଂସା ନୀତି ସ୍ୱାଧୀନତା ପରବର୍ତ୍ତୀ ସମୟରେ ଉପେକ୍ଷିତ ହୋଇଛି ଏବଂ ପୁଞ୍ଜିବାଦ ସବୁଠାରୁ ଶ୍ରେଷ୍ଠ ମାର୍ଗ ବୋଲି ବିବେଚିତ ହୋଇଛି । ଗୋପୀନାଥ ମହାନ୍ତିଙ୍କ 'ସପନ ମାଟି', କମଳାକାନ୍ତଙ୍କ 'ମଦଭାଟି', ଦଶରଥ ସାମଲଙ୍କ 'ସ୍ଥିର ତରଙ୍ଗ' ଇତ୍ୟାଦି କେତେକ ଉପନ୍ୟାସରେ ଭାରତର ବଦଳିଯାଇଥିବା ରାଜନୀତିର ବିଷୟ ବର୍ଣ୍ଣିତ ।

'ଅନ୍ଧଦିଗନ୍ତ' ଉପନ୍ୟାସର ଖଳ ଚରିତ୍ର ଓ ଶୁଦ୍ଧୋଦନର ଗୋଷ୍ଠୀଙ୍କଭଳି ଲୋକ ବର୍ତ୍ତମାନର ସମୟରେ ଅଭାବ ନାହାନ୍ତି । ଏହି ସମୟର ପ୍ରତ୍ୟେକ ଉପନ୍ୟାସରେ କିଛି ନା କିଛି ଏପରି ଚିତ୍ର ଦେଖିବାକୁ ମିଳୁଥିଲା । ଦର୍ପନାରାୟଣ ଚୋରୀ, ଲୁଣ୍ଠନ, ଋଷୀଙ୍କୁ ଶୋଷଣ, ରାଜନୀତି କ୍ଷେତ୍ରରେ ମନ୍ତ୍ରୀଙ୍କୁ ସାହାଯ୍ୟ କରି ମନ୍ତ୍ରୀଙ୍କ ନିଜ ଲୋକ ହେବା, ପରିଶେଷରେ ନିର୍ବାଚନରେ ବିପୁଳ ସଖ୍ୟାଗରିଷ୍ଠ ଭୋଟରେ ଜୟଯୁକ୍ତ ହେବା ଇତ୍ୟାଦି ଏକ ଆକସ୍ମିକ ସୃଷ୍ଟି କରିଛି । ଶୁଦ୍ଧୋଦନ ଓ ଦର୍ପନାରାୟଣ ଦୁହେଁ ନିଶ୍ଚିତ ଭାବରେ ଓଡ଼ିଶାର କିମ୍ବା ଅନ୍ୟ ରାଜ୍ୟର ଜଣେ ଜଣେ ମୁଖ୍ୟମନ୍ତ୍ରୀ ହୋଇଥିବେ ନଚେତ ଭାରତର ପ୍ରଧାନମନ୍ତ୍ରୀ ହୋଇଥାଇପାରନ୍ତି । ଏହି ସମୟରେ ଔପନ୍ୟାସିକ ସାମାଜିକ କାମ କରି ପରେ ରାଜନୀତିରେ ଯୋଗ ଦେଇଥିବା କଥା ତାଙ୍କ 'ପଥ ଓ ପୃଥିବୀ' ଆତ୍ମଜୀବନୀରେ ଉଲ୍ଲେଖ ଅଛି । ତେଣୁ 'ଅନ୍ଧଦିଗନ୍ତ' ଗୋଟିଏ କାଳ୍ପନିକ ଉପନ୍ୟାସ ବୋଲି ସୁରେନ୍ଦ୍ର ମହାନ୍ତି ସ୍ୱୀକାର କରିଥିଲେ ବି ବହୁଭାବରେ ସତ୍ୟତା ବାରିହୋଇପଡ଼େ ।

**ସହାୟକ ଗ୍ରନ୍ଥସୂଚୀ :**


- ଦେ, ମିଥୁନ ଚନ୍ଦ୍ର : ଓଡ଼ିଆ ରାଜନୀତିକ ଉପନ୍ୟାସ, ଟାଇମ୍‌ପାସ, ଭୁବନେଶ୍ୱର, ୨୦୧୩ ।
- ପଣ୍ଡା, ହୃଷିକେଶ : ସୁରେନ୍ଦ୍ର ମହାନ୍ତିଙ୍କ ଉପନ୍ୟାସରେ ଶିଳ୍ପବିଧି, ବହିଫହି, ଭୁବନେଶ୍ୱର, ୨୦୦୭ ।
- ମହାନ୍ତି, ସୁରେନ୍ଦ୍ର : ଅନ୍ଧଦିଗନ୍ତ, କଟକ ଷ୍ଟୁଡ଼େଣ୍ଟ ଷ୍ଟୋର, ୨୦୦୭ ।
- ମହାନ୍ତି, ସୁରେନ୍ଦ୍ର : ପଥ ଓ ପୃଥିବୀ, ଫ୍ରେଣ୍ଡସ୍ ପବ୍ଲିଶର୍ସ, କଟକ, ୨୦୧୭ ।
- ବେହେରା, ରମାକାନ୍ତ : ସାହିତ୍ୟ ସାଧକ ମହତାବ, ଡକ୍ଟର ହରେକୃଷ୍ଣ ମହତାବ ଫାଉଣ୍ଡେସନ, କଟକ, ୧୯୯୨ ।
- Das, Devisi Latika : Gandhian Values reviewed in post-Independence India through Indian Novel: English and Hindi (1947-2000), University of Kota, Rajasthan, 2019
- Guha, Ramachanda: The life and death of Indian democracy, https://M.thewire.in, Oct-2020
- Holwa, C. Hugh : A handbook to liteture, The Odyssy Press, New York, 1972
- Panda, Harihara : History of Odisha, Kitab Mahal, Cuttack-2018



ସ୍ନାତକୋତ୍ତର ଓଡ଼ିଆ ଭାଷା ଓ

ସାହିତ୍ୟ ବିଭାଗ

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ

ଅମୃତ ବିହାର, ସମ୍ବଲପୁର – ୭୬୮୦୦୪